# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 27 May – 2024

# ତୃତୀୟ ପର୍ଯ୍ୟାୟ ମତଦାନ

ରାଜ୍ୟରେ ଗତ ୨୫ ତାରିଖ ଦିନ ହୋଇଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୭୪ ଦଶମିକ ୪/୫ ପ୍ରତିଶତ ମତଦାନ ହୋଇଛି ବୋଲି ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଏହି ପର୍ଯ୍ୟାୟରେ ୬ଟି ଲୋକସଭା ଆସନ ଭୁବନେଶ୍ୱର, କଟକ, ପୁରୀ, କେନ୍ଦୁଝର, ଢେଙ୍କାନାଳ ଏବଂ ସମ୍ବଲପୁର ଲୋକସଭା ଆସନ ସମେତ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯାଇଥିଲା । ଏହି ପର୍ଯ୍ୟାୟରେ ସମ୍ବଲପୁର ଲୋକସଭା କ୍ଷେତ୍ରରେ ସର୍ବାଧିକ ଅଣାଅଶୀ ଦଶମିକ ୫/୦ ପ୍ରତିଶତ ମତଦାନ ହୋଇଥିବାବେଳେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ସର୍ବନିମ୍ନ ୬୪ ଦଶମିକ ୪/୯ ପ୍ରତିଶତ ମତଦାନ ହୋଇଛି । ୨୦୧୯ ସାଧାରଣ ନିର୍ବାଚନରେ ଏହି ୬ଟି ଲୋକସଭା ଆସନ ଏବଂ ୪୨ଟି ବିଧାନସଭା ଆସନରେ ୭୧ଦଶମିକ ୩/୬ ପ୍ରତିଶତ ମତଦାନ ହୋଇଥିଲା । ସେହିପରି ବିଧାନସଭା ମଣ୍ଡଳୀ ଗୁଡ଼ିକ ମଧ୍ୟରେ ଆଠମଲ୍ଲିକ ଆସନରେ ୮୫ ଦଶମିକ ୬/୯ ପ୍ରତିଶତ ଭୋଟ୍‌ହାର ଥିବାବେଳେ ଭୁବନେଶ୍ୱର-ମଧ୍ୟ ନିର୍ବାଚନ ମଣ୍ଡଳୀରେ ୫୧ ଦଶମିକ ୨/୮ ପ୍ରତିଶତ ମତଦାନ ହୋଇଥିଲା । ନିର୍ବାଚନ କମିଶନଙ୍କ ସୂଚନା ଅନୁସାରେ ପୂର୍ବ ନିର୍ବାଚନ ତୁଳନାରେ ସହରାଞ୍ଚଳ ଗୁଡ଼ିକରେ ମତଦାନ ବୃଦ୍ଧିପାଇଛି । ସେହିଭଳି ତୃତୀୟ ପର୍ଯ୍ୟାୟରେ ୧୫ଟି ବିଧାନସଭା ଆସନରେ ମତଦାନ

ହାର ୮୦ ପ୍ରତିଶତରୁ ଅଧିକ ରହିଥିବାନେଇ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି ।

## ରାଜ୍ୟ ତୃତୀୟ ପର୍ଯ୍ୟାୟ ମତଦାନ

ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ଜୁନ୍ ମାସ ୧ ତାରିଖରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଅବଶିଷ୍ଟ ୬ଟି ଲୋକସଭା ଆସନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ ।

## କେନ୍ଦ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ **ନରେନ୍ଦ୍ର ମୋଦୀ** ଆସନ୍ତା ୨୯ ତାରିଖରେ ଦଳୀୟ ପ୍ରଚାର କାର୍ଯ୍ୟରେ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରାପଡା ଓ ବାଲେଶ୍ୱରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ । ସ୍ୱରାଷ୍ଟ୍ରମନ୍ତ୍ରୀ **ଅମିତ୍ ଶାହା** ମଧ୍ୟ ଆସନ୍ତାକାଲି ଓଡ଼ିଶା ଆସି ଚାନ୍ଦବାଲି, କୋରେଇ ଓ ନିମାପଡାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ରାଜ୍ୟ ବିଜେପି ପକ୍ଷରୁ ସୂଚନା ମିଳିଛି ।

ସେହିଭଳି କଂଗ୍ରେସ ଅଧ୍ୟକ୍ଷ **ମଲ୍ଲିକାର୍ଜୁନ ଖଡଗେ** ଆସନ୍ତା ୨୯ ତାରିଖରେ ବାଲେଶ୍ୱର ଏବଂ ଦଳର ବରିଷ୍ଠ ନେତା **ରାହୁଲ ଗାନ୍ଧୀ** ଆସନ୍ତା ୩୦ ତାରିଖରେ ଓଡ଼ିଶା ଗସ୍ତରେ ଆସି ଭଦ୍ରକ ଜିଲ୍ଲାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି ।

## ପୋଷ୍ଟାଲ ବାଲାଟ

ରାଜ୍ୟର ତୃତୀୟ ପର୍ଯ୍ୟାୟ ମତଦାନରେ ପୋଷ୍ଟାଲ ବାଲାଟ ମାଧ୍ୟମରେ ପ୍ରାୟ ୯୪ହଜାର ଭୋଟର ମତଦାନ କରିଛନ୍ତି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡିଛି । ୮୫ବର୍ଷ ବୟସରୁ ଊର୍ଦ୍ଧ୍ୱ ବରିଷ୍ଠ ଓ ଭିନ୍ନକ୍ଷମ ମତଦାତାମାନେ ହୋମ୍ ଭୋଟିଂ ମାଧ୍ୟମରେ ମତଦାନ କରିଥିଲେ । ସେହିଭଳି ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀ ପି.ଭି.ସିରେ ଏବଂ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ କରିଥିଲେ ।

## ନୋ ତମାଖୁ ଡେ ଆୱାର୍ଡ

ଆନ୍ତର୍ଜାତିକ କ୍ଷେତ୍ରରେ ତମାଖୁ ବର୍ଜନ ପାଇଁ ଓଡ଼ିଶାର ଉଲ୍ଲେଖନୀୟ ସଫଳତା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଓଡ଼ିଶାକୁ 'ୱାର୍ଲ୍ଡ ନୋ ଟବାକୋ ଡେ' ଆୱାର୍ଡ-୨୦୨୪ ପୁରସ୍କାର ଘୋଷଣା କରିଛି । ତମାଖୁମୁକ୍ତ ଗାଁ ଅଭିଯାନ ପାଇଁ ଜାତୀୟ ସ୍ତରରେ ଓଡ଼ିଶା ପୂର୍ବରୁ ସମ୍ମାନ ପାଇଥିଲା । ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ତମାଖୁମୁକ୍ତ ଗାଁ ଅଭିଯାନ ଆରମ୍ଭ କରିଥିଲା । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେକ୍ଷଣ-୫ ରିପୋର୍ଟ ଅନୁସାରେ ଦେଶରେ ୫୧ ଦଶମିକ ୬ ପ୍ରତିଶତ ପୁରୁଷ ଏବଂ ୨୬ ପ୍ରତିଶତ ମହିଳା ତମାଖୁ ସେବନ କରିଥାନ୍ତି ।

# ଯୁକ୍ତ ଦୁଇ ପୁନଃ ମୂଲ୍ୟାଙ୍କନ

ଯୁକ୍ତ ଦୁଇ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଉତ୍ତରଖାତାର ପୁନଃ ମୂଲ୍ୟାଙ୍କନ ପାଇଁ ଆସନ୍ତା ଜୁନ୍ ପହିଲା ସୁଦ୍ଧା ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀମାନେ ୧ ତାରିଖରୁ ପରୀକ୍ଷାଖାତାର ପୁନଃ ମୂଲ୍ୟାଙ୍କନ ପାଇଁ ଆବେଦନ କରିପାରିବେ । ଜୁନ୍ ମାସ ଶେଷ ସପ୍ତାହରେ ବାର୍ଷିକ ଇନ୍‌ଷ୍ଟାଣ୍ଟ ପରୀକ୍ଷା ହେବ ବୋଲି କର୍ତ୍ତୃପକ୍ଷ କହିଛନ୍ତି । ଅକୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ପୁଣିଥରେ ସୁଯୋଗ ଦେବାପାଇଁ ପରିଷଦ ତରଫରୁ ଏହି ପଦକ୍ଷେପ ନିଆଯାଇଛି । ସୂଚନାଯୋଗ୍ୟ ଚଳିତବର୍ଷ ଯୁକ୍ତ ଦୁଇ ବିଜ୍ଞାନରେ ସର୍ବାଧିକ ୭୯୮ଜଣ ଫେଲ୍ ହୋଇଥିବା ବେଳେ ଧନ୍ଦାମୂଳକ ଶିକ୍ଷାରେ ସବୁଠାରୁ କମ୍ ୯୧ଜଣ ଫେଲ୍ ହୋଇଛନ୍ତି ।

ସେହିଭଳି ଚଳିତମାସ ୨୯ ତାରିଖରୁ ଜୁନ୍ ମାସ ୧୨ ତାରିଖ ମଧ୍ୟରେ ୧୫ ଦିନ ଧରି ମେଟ୍ରିକ ପରୀକ୍ଷା ଖାତାର ରି-ଚେକିଂ ଅନ୍‌ଲାଇନ୍ ମାଧ୍ୟମରେ କରାଯାଇପାରିବ ବୋଲି ବୋର୍ଡ ତରଫରୁ କୁହାଯାଇଛି । ମୁକ୍ତ ବିଦ୍ୟାଳୟ, ସାର୍ଟିଫିକେଟ ପରୀକ୍ଷା ଏବଂ ମଧ୍ୟମା ଛାତ୍ରଛାତ୍ରୀମାନେ ଅଫ୍‌ଲାଇନ୍ ମାଧ୍ୟମରେ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ଆଞ୍ଚଳିକ କାର୍ଯ୍ୟାଳୟରେ ଆବେଦନ କରିପାରିବେ ।

# ରଥନିର୍ମାଣ

ଶ୍ରୀଜୀଉ ମାନଙ୍କର ରଥଯାତ୍ରା ପାଇଁ ଗତକାଲି ରଥଖଳାରେ ତିନିରଥର ଅଖ କାମ ଅନୁକୂଳ ହୋଇଛି । ମହାପ୍ରଭୁଙ୍କର ମାଳ ମାହାର୍ଦ୍ଧ ସମର୍ପଣ କରି ବିଶ୍ୱକର୍ମାମାନେ ନାହାକା ଅଖ ତିଆରି ଆରମ୍ଭ କରିଛନ୍ତି । ଆସନ୍ତା ୨୯ ତାରିଖ ଦିନ ଭଉଁରୀ ଉତ୍ସବରେ ଚକ ଓ ଅଖ ସଂଯୋଗ ହେବ ।

## ସାଇକ୍ଲୋନ ରେମାଲ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ରେମାଲ ଗତକାଲି ମଧ୍ୟରାତ୍ରିରେ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳକୁ ସାଗରଦ୍ୱୀପ ଓ ଖେପୁପରା ମଧ୍ୟରେ ଲ୍ୟାଣ୍ଡଫଲ କରିଛି । ଲ୍ୟାଣ୍ଡ୍‌ଫଲ ବେଳେ ପବନର ବେଗ ଘଣ୍ଟାପ୍ରତି ୧୧୦ରୁ ୧୨୦ କିଲୋମିଟର ରହିଥିବାବେଳେ ପ୍ରବଳ ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହାର ପ୍ରଭାବରେ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ସହ ସଂଲଗ୍ନ କଟକ ଜିଲ୍ଲାର କେତେକ ସ୍ଥାନରେ ବର୍ଷା ହୋଇଥିଲା ।